# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 August - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ଓଡ଼ିଶାର ଗୋଟିଏ ଆସନ ସମେତ ୧୨ଟି ରାଜ୍ୟସଭା ଆସନରେ ଉପନିର୍ବାଚନ ଲାଗି ପ୍ରକାଶ ପାଇଲା ବିଜ୍ଞପ୍ତି
- ଭୁବନେଶ୍ୱରଠାରେ ଆୟୋଜିତ ହର୍ ଘର୍ ତିରଙ୍ଗା ଶୋଭାଯାତ୍ରାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ଦେଶର ୧ ହଜାର ୩୭ ଜଣ ସୁରକ୍ଷା କର୍ମୀ ପାଇଲେ ବୀରତା ଓ ସେବା ପଦକ

ଏବଂ

- ହଜ୍‌-୨୦୨୫ ଯାତ୍ରା ପାଇଁ ଆବେଦନ ଆହ୍ୱାନ

*Desk*

## ରାଷ୍ଟ୍ରପତିଙ୍କ ଅଭିଭାଷଣ

ସମଗ୍ର ଦେଶରେ ଆସନ୍ତାକାଲି ୭୮ତମ ସ୍ୱାଧୀନତା ଦିବସ ପାଳନ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ  ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ । ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରସାରଣ କରାଯିବ । ଦୂରଦର୍ଶନରେ ରାଷ୍ଟ୍ରପତିଙ୍କ ହିନ୍ଦୀ ଏବଂ ଇଂରାଜୀ ଅଭିଭାଷଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ। ରାତି ସାଢ଼େ ୯ଟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆକାଶବାଣୀରେ ପ୍ରସାରଣ ହେବ ।

*HS*

## ରାଜ୍ୟସଭା ନିର୍ବାଚନ

ଦେଶର ୯ଟି ରାଜ୍ୟର ୧୨ଟି ରାଜ୍ୟସଭା ଆସନରେ ଉପ ନିର୍ବାଚନ ଲାଗି ବିଧିବଦ୍ଧ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି। ସେଥିମଧ୍ୟରେ ଓଡ଼ିଶା ଗୋଟିଏ ଆସନ ଅନ୍ତର୍ଭୁକ୍ତ। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଆସନ୍ତା ୨୧ ତାରିଖକୁ ଧାର୍ଯ୍ୟ କରାଯାଇଛି। ୨୨ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବା ସହ ୨୭ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ। ଆସନ୍ତା ମାସ ୩ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ।

*Desk*

## ଖଣିଜ- ଟିକସ ଆଦାୟ

ଖଣିଜ ଅଧିକାର ଉପରେ ବକେୟା ଟିକସ ଆଦାୟ ରାଜ୍ୟ ସରକାର କରିପାରିବେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ଏହି ବକେୟା ଟିକସ ୨୦୦୫ ଏପ୍ରିଲ ପହିଲା ପର୍ଯ୍ୟନ୍ତ ଆଦାୟ କରାଯାଇପାରିବ। ସୂଚନାଯୋଗ୍ୟ, ଖଣି ଓ ଖଣିଜ ବିକାଶ ଓ ନିୟନ୍ତ୍ରଣ ଆଇନ ୧୯୫୭ ଅନୁଯାୟୀ, ଖଣିଜ ଅଧିକାର ଉପରେ ଟିକସ ଆଦାୟ କରିବାର କ୍ଷମତା ରାଜ୍ୟର ରହିଥିବା ସଂକ୍ରାନ୍ତ ରାୟ ଗତ ମାସ ୨୫ ତାରିଖରେ ସୁପ୍ରିମକୋର୍ଟ ପ୍ରଦାନ କରିଥିଲେ। ତେବେ ଏହି ରାୟ ଆଧାରରେ ସୁପ୍ରିମକୋର୍ଟ ଆଜି ବକେୟା ଆଦାୟ ଟିକସର ସମୟସୀମାକୁ ଧାର୍ଯ୍ୟ କରିଛନ୍ତି।

*Desk*

## ଆଇଟିଆଇ ଶିକ୍ଷା ବ୍ୟବସ୍ଥା

ଉନ୍ନତ ଜ୍ଞାନକୌଶଳ ଏବଂ କୃତ୍ରିମ ବୁଦ୍ଧମତା ପ୍ରଚଳନ ଦେଶର ଆଇଟିଆଇ ଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାର ପୁର୍ନବିଚାର କରିବାରେ ସାହାଯ୍ୟ କରିବ ବୋଲି କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି। ଆସନ୍ତା ବର୍ଷ ଦେଶର ଆଶାନୁରୂପ ଜିଡିପି ଅଭିବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ କୃତ୍ରିମ ବୁଦ୍ଧିମତା ବ୍ୟବସ୍ଥାର ଉପଯୋଗ ଲକ୍ଷ୍ୟରେ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଚଳିତ ଶିକ୍ଷା ବର୍ଷରୁ ୧୫ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନରେ ଏ.ଆଇ. ପ୍ରୋଗ୍ରାମିଂ ଆସିଷ୍ଟାଣ୍ଟ

ପାଠ୍ୟକ୍ରମ ପ୍ରଚଳନ ସହ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି । ତେବେ ଏହି ଜ୍ଞାନକୌଶଳ ପାଇଁ ପ୍ରଶିକ୍ଷକଙ୍କର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ ।

*R.gada/Nuapada/Sonepur/HS/BHK/Khuda/*

## ତ୍ରିରଙ୍ଗା ଶୋଭାଯାତ୍ରା

ରାଜ୍ୟର ବିଭିନ୍ନ ପ୍ରାନ୍ତରେ 'ହର ଘର ତିରଙ୍ଗା'ର ଅଭିଯାନ ଅନ୍ତର୍ଗତ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

ଭୁବନେଶ୍ୱରଠାରେ ଆୟୋଜିତ ର୍ୟାଲିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ଲିଙ୍ଗରାଜ ମନ୍ଦିରରେ ଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀ ଏହି ଯାତ୍ରାରେ ଅଂଶଗ୍ରହଣ କରିଥିଲେ । ତ୍ରିରଙ୍ଗା ଯାତ୍ରା ଲିଙ୍ଗରାଜ ମନ୍ଦିରରୁ ବାହାରି ମୁକ୍ତେଶ୍ୱର ପର୍ଯ୍ୟନ୍ତ ଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ଏବଂ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ ।

ଖୋର୍ଦ୍ଧାଠାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜୟୀରାଜଗୁରୁ ଭବନଠାରେ ପହଁଞ୍ଚିଥିଲା । ଏଥିରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସାଂସଦ

ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ସରକାରୀ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ଯୋଗ ଦେଇଥିଲେ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପଦଯାତ୍ରା ନଗର ପରିକ୍ରମା କରି ସହିଦ୍ ସ୍ମୃତି ଭବନ ଟାଉନ ହଲ୍‌ଠାରେ ପହଁଞ୍ଚିଥିଲା। ଏଥିରେ ପ୍ରଶାସନିକ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସାଧାରଣ ଜନତା ଯୋଗ ଦେଇଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସୁବର୍ଣ୍ଣପୁରଠାରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ମିଶନ ଶକ୍ତି ସଦସ୍ୟା, ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।

ନୂଆପଡ଼ା ଜିଲ୍ଲାରେ ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାଠାରେ ଅନୁଷ୍ଠିତ ଶୋଭାଯାତ୍ରାରେ ୪୦୦ ମିଟର ଲମ୍ବର ଏକ ତ୍ରିରଙ୍ଗା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବିଭିନ୍ନ ଧର୍ମ ଏବଂ ବର୍ଗର ଲୋକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମୁନିଗୁଡ଼ା କଲେଜରୁ ଶୋଭାଯାତ୍ରା ବାହାରି ମୁନିଖୋଲ କନକ ପରମେଶ୍ୱରୀ ମନ୍ଦିରରେ ପହଁଞ୍ଚିଥିଲା। ସେହିଭଳି ରାୟଗଡ଼ାଠାରେ ଏକ

ବାଇକ୍ ର୍ୟାଲିରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ ।

***Desk***

## ସେବା ପଦକ ପ୍ରଦାନ

ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଦେଶର ୧ ହଜାର ୩୭ ଜଣ ପୁଲିସ, ଅଗ୍ନିଶମ ବାହିନୀ, ହୋମଗାର୍ଡ ଓ ବେସାମରିକ ସୁରକ୍ଷା ସେବା କର୍ମଚାରୀଙ୍କୁ ବୀରତା ଓ ସେବା ପଦକ ପ୍ରଦାନ କରାଯାଇଛି । ବିଶେଷ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ପଦକ ଏବଂ କର୍ତ୍ତବ୍ୟନିଷ୍ଠା ଓ ମୂଲ୍ୟବାନ ସେବା ପାଇଁ ସେବା ପଦକ ପ୍ରଦାନ କରାଯାଇଥାଏ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୨୧୩ ଜଣ ଯବାନଙ୍କୁ ବୀରତା ପଦକ ପ୍ରଦାନ କରାଯାଇଛି । ସେହିଭଳି ୯୪ଟି ରାଷ୍ଟ୍ରପତି ପଦକ ମଧ୍ୟରୁ ୭୫ଟି ପୁଲିସ ସେବା, ୮ଟି ଅଗ୍ନିଶମ ସେବା, ୮ଟି ବେସାମରିକ, ପ୍ରତିରକ୍ଷା ଓ ହୋମଗାର୍ଡ ସେବା ଏବଂ ୩ଟି ସଂଶୋଧନ ସେବାକୁ ପ୍ରଦାନ କରାଯାଇଛି । ସେହିଭଳି ୭୨୯ ଜଣ କର୍ମଚାରୀଙ୍କୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସେବା ପଦକ ମଧ୍ୟ ପ୍ରଦାନ କରାଯାଇଛି ।

***Desk***

## ପଞ୍ଚାୟତସ୍ତରୀୟ କର୍ମଶାଳା

ପଞ୍ଚାୟତସ୍ତରରେ ମହିଳା ନେତୃତ୍ୱ ଶୀର୍ଷକ ଏକ ଜାତୀୟ କର୍ମଶାଳା ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି । ଏଥିରେ ଦେଶର ୧୬୦ରୁ ଅଧିକ

ପଞ୍ଚାୟତ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି। ପୁଡୁଚେରୀର ପୂର୍ବତନ ଉପରାଜ୍ୟପାଳ କିରଣ ବେଦୀ ଏଥିରେ ଯୋଗଦେଇ ତୃଣମୂଳ ସ୍ତରରେ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ପଞ୍ଚାୟତ ପ୍ରତିନିଧିଙ୍କୁ ଏହାର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଦେଶର ଦୁଇ ତୃତୀୟାଂଶ ନାଗରିକ ଗ୍ରାମୀଣ ଭାରତରେ ବସବାସ କରୁଥିବାରୁ ସରପଞ୍ଚ ସେମାନଙ୍କ ଦାୟିତ୍ୱ ସଠିକ ଭାବେ ନିର୍ବାହ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଦିଲ୍ଲୀର ଲାଲକିଲ୍ଲାରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ ଏହି ନିର୍ବାଚିତ ପ୍ରତିନିଧିମାନେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ।

***Puri***

## ନୃସିଂହଙ୍କ ବିମାନ ବିଜେ

ଶ୍ରାବଣ ଶୁକ୍ଳ ନବମୀ ତିଥିରେ ପ୍ରଭୁ ବାଡ଼ିନୃସିଂହ ଶ୍ରୀମନ୍ଦିରରୁ ବାହାରି ଚାରି ଆଶ୍ରମ ବିଜେ କରିବେ। ମଧ୍ୟାହ୍ନ ଧୂପ ଶେଷ ହେବାପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇଁ ନୃସିଂହ ଠାକୁର ବିମାନରେ ବିଜେ କରିବେ। ଏହାପରେ ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଏବଂ ଭୃଗୁ ଆଶ୍ରମ ଭ୍ରମଣରେ ଯିବେ। ପ୍ରତ୍ୟେକ ଆଶ୍ରମରେ ରୀତିନୀତି ଅନୁଯାୟୀ ଶୀତଳ ଭୋଗ ଅନୁଷ୍ଠିତ ହେବ। ଚାରି ଆଶ୍ରମ ଗସ୍ତ ଶେଷ କରି ଶ୍ରୀମନ୍ଦିରକୁ ବାହୁଡ଼ିବା ବେଳେ ବିଭିନ୍ନ ସ୍ଥାନରେ ଠାକୁରଙ୍କ ପାଖରେ ପଂକ୍ତି ଭୋଗ ଲାଗୁ ହେବ। ପୂର୍ବରୁ

ରଥଯାତ୍ରା ପରେ ପୁରୀ ସହରରେ ବ୍ୟାପୁଥିବା ଝାଡ଼ାବାନ୍ତି ଓ ମହାମାରୀ ରୋଗକୁ ନିୟନ୍ତ୍ରଣ କରିବା ଲାଗି ନୃସିଂହ ଠାକୁର ପ୍ରାଚୀନ ରୀତି ଅନୁଯାୟୀ ପୁରୀ ସହର ପରିକ୍ରମା ବିଧି ରହିଛି । ଏହାଦ୍ୱାରା ରୋଗ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

***Nayagarh/Puri***

## ଝୁଲଣ ଯାତ୍ରା

ଶ୍ରୀମନ୍ଦିରରେ ଆଜିଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ଏହି ଯାତ୍ରା ଆରମ୍ଭ ହୋଇ ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦା ଯାଏଁ ୭ ଦିନ ଧରି ଚାଲିବ। ଶ୍ରୀକ୍ଷେତ୍ରର ବିଭିନ୍ନ ମଠ ବାଡ଼ି ଆଦିରେ ଏହି ଯାତ୍ରା ପାଳିତ ହୋଇଥାଏ। ମଧ୍ୟାହ୍ନ ଧୂପ ପରେ ଆଜି ଶ୍ରୀଦେବୀ, ଭୂଦେବୀ ଏବଂ ମଦନମୋହନ ମୁକ୍ତିମଣ୍ଡପରେ ପ୍ରସ୍ତୁତ ଝୁଲଣ ମଣ୍ଡପକୁ ବିଜେ କରିବେ ।

ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ମନ୍ଦିରରେ ମଧ୍ୟ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଠାକୁରଙ୍କୁ ସ୍ୱତନ୍ତ୍ର ବେଶ ସଜା ଯାଇଥିଲା ।

***Desk***

## ହଜ୍ ଯାତ୍ରା-୨୦୨୪

ହଜ୍-୨୦୨୫ ପାଇଁ ଆବେଦନ ଆହ୍ୱାନ କରାଯାଇଛି । ଆସନ୍ତା ମାସ ୯ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି ।

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ ଗତକାଲି ନୂଆଦିଲ୍ଲୀଠାରେ ଶୁଭାରମ୍ଭ କରିଛନ୍ତି। ଶ୍ରୀ ରିଜିଜୁ କହିଛନ୍ତି, ହଜ୍-୨୦୨୫ ପାଇଁ ସାଉଦି ଆରବ ଭାରତକୁ ୧ ଲକ୍ଷ ୭୫ ହଜାରରୁ ଅଧିକ କୋଟା ଆବଣ୍ଟନ କରିଛି। ହଜ୍ କମିଟି ଅଫ୍ ଇଣ୍ଡିଆର ୱେବସାଇଟ୍ ସହ ପ୍ରଥମଥର ପାଇଁ ପ୍ରଚଳନ ଆରମ୍ଭ ହୋଇଥିବା ହଜ୍ ସୁବିଧା ଆପ୍ ମାଧ୍ୟମରେ ଆବେଦନ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଥିଲେ।

***Puri***

## ସଡ଼କ ଦୁର୍ଘଟଣା

ପୁରୀ ଜିଲ୍ଲା ବାଲିଘାଇ-ପୁରୀ ମୁଖ୍ୟରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକ ଗୋପଦଳନଈ ବଜାରରେ ରାସ୍ତାରୋକ କରିଛନ୍ତି। କ୍ଷତିପୂରଣ ଦାବି ନେଇ ସେମାନେ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ତେବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

***Desk***

## ପିଏମ୍ ପୋଷଣ ଯୋଜନା

ପିଏମ୍ ପୋଷଣ ଯୋଜନା ଅଧୀନରେ ଚାଉଳ ପରିବହନ ଏବଂ ବିତରଣ ବ୍ୟବସ୍ଥାରେ ଦେଖାଯାଇଥିବା ଅସଂଗତିକୁ ଦୂର କରିବା ଲାଗି ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଉଳ ଯୋଗାଣ ସମୟରେ ବିଭାଗୀୟ ଅଧିକାରୀ ବିତରଣ ଚାଲାଣକୁ ଯାଞ୍ଚ କରିବେ।

ଏଥିପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଖାଦ୍ୟ ଯୋଗାଣ ନିଗମଠାରୁ ନିଜସ୍ୱ ପରିବହନ ମାଧ୍ୟମରେ ନିୟୋଜିତ ସଂସ୍ଥା ପୋଷଣଯୁକ୍ତ ଚାଉଳ ସଂଗ୍ରହ କରି ସିଧାସଳଖ ସମ୍ପୃକ୍ତ ବିଦ୍ୟାଳୟରେ ପହଁଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।